# ମୋ ନୟନ ପଥେ ରହିଥାଅ ଜଗନ୍ନାଥ

● ଶ୍ରୀ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ

ବହୁ ପ୍ରାଚୀନ କାଳରୁ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ହିନ୍ଦୁମାନଙ୍କର ପ୍ରମୁଖ ଦେବତାଙ୍କୁ ବିଶ୍ୱନାଥ, ଲୋକନାଥ, ବଦ୍ରିନାଥ, ଭେଙ୍କଟନାଥ ଓ ଜଗନ୍ନାଥ ନାମରେ ସମ୍ବୋଧନ କରାଯାଇଛି । ବସ୍ତୁତଃ ହିନ୍ଦୁ ତ୍ରିଦେବ ପରିକଳ୍ପନାରେ ପୌରାଣିକ ବିଷ୍ଣୁଙ୍କୁ ଜଗନ୍ନାଥ ଶବ୍ଦରେ ସମ୍ବୋଧନ କରାଯାଇଛି । ଏଣୁ ବିଷ୍ଣୁସହସ୍ରନାମରେ ଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତରରେ ଭୀଷ୍ମଦେବ ଯଥାର୍ଥରେ କହିଛନ୍ତି :-

**ତସ୍ୟ ଲୋକପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେଃ**

**ବିଷ୍ଣୋର୍ନାମସହସ୍ରଂ ମେ ଶୃଣୁ ପାପଭୟାପହମ୍ ।**

ସେହିପରି ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଚଣ୍ଡୀରେ ମଧ୍ୟ ଜଗନ୍ନାଥଙ୍କ ନାମରେ ଉଲ୍ଲେଖ ରହିଛି । ଯଥା :-

**ଉତ୍ତସ୍ଥୌ ଚ ଜଗନ୍ନାଥଃ ତ୍ୱୟା ମୁକ୍ତୋ ଜନାର୍ଦ୍ଦନଃ**

ବାଲ୍ମିକୀ ରାମାୟଣରେ ମଧ୍ୟ ଉତ୍ତରାକାଣ୍ଡରେ ରାମଚନ୍ଦ୍ର ବିଭୀଷଣଙ୍କୁ ଇକ୍ଷ୍ୱାକୁ କୁଳର ଦେବତା ଜଗନ୍ନାଥଙ୍କୁ ଆରାଧନା କରିବାକୁ କହିଥିଲେ । ଯଥା :-

**ଆରାଧୟ ଜଗନ୍ନାଥଂ ଇକ୍ଷ୍ୱାକୁକୁଳଦୈବତମ୍ ।**

ବେଦରେ କିମ୍ବା ଉପନିଷଦରେ ଜଗନ୍ନାଥ ଶବ୍ଦର ଉଲ୍ଲେଖ ନାହିଁ । କିନ୍ତୁ, ବେଦ ଓ ଉପନିଷଦ କାଳୀନ ସଭ୍ୟତାର ଶେଷଭାଗରେ ଅର୍ଥାତ୍ ପୁରାଣ ଯୁଗର ଆରମ୍ଭରେ ଅବତାର ବାଦକୁ ଭିତ୍ତି କରି ପୂର୍ବ ଭୂଖଣ୍ଡରେ ନୀଳ ସାଗର ତୀରରେ ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ଅଂଶ ଭାବରେ ଦାରୁମୟ ସ୍ୱରୂପରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ଜଗନ୍ନାଥଙ୍କର ଆବିର୍ଭାବ, ଇତିହାସ ଓ ପୁରାଣର ପରିସୀମା ମଧ୍ୟରେ ନିର୍ଣ୍ଣୟ କରିବା ସହଜସାଧ୍ୟ ନୁହେଁ । କେଉଁ ସ୍ମରଣାତୀତ କାଳରୁ ପୂର୍ବ ଭୂଖଣ୍ଡରେ ବାଲୁକାମୟ ଘଞ୍ଚ ଅରଣ୍ୟ ପୂର୍ଣ୍ଣ ନୀଳାଚଳରେ ଦାରୁବ୍ରହ୍ମଙ୍କୁ ପ୍ରତିଷ୍ଠା କରାଯାଇଥିଲା, ତାହା ଗବେଷକ ଓ ପଣ୍ଡିତମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ । ବହୁ ଗବେଷଣା ସତ୍ତ୍ୱେ ଦାରୁବ୍ରହ୍ମଙ୍କ ଆବିର୍ଭାବର ପ୍ରକୃତ ସମୟ ନିରୂପଣ ଏଯାବତ୍ ହୋଇନାହିଁ । ଡ଼କ୍ଟର ମହତାବ ଓ ଅନ୍ୟାନ୍ୟ ଗବେଷକମାନେ ବୌଦ୍ଧ ତ୍ରିରତ୍ନ ରୂପେ ଦାରୁବ୍ରହ୍ମଙ୍କୁ ପରିଚିତ କରାଇ ତାଙ୍କର ଆବିର୍ଭାବକୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବୋଲି ଯେଉଁ ମତ ଦେଇଛନ୍ତି, ତାହା ମଧ୍ୟ ସର୍ବତୋଭାବେ ଗ୍ରହଣଯୋଗ୍ୟ ହୋଇନାହିଁ । ସେହିପରି କିମ୍ବଦନ୍ତୀର ବିଶ୍ୱାବସୁ, ବିଦ୍ୟାପତି ଯେଉଁ ନୀଳମାଧବଙ୍କୁ ପ୍ରଥମେ ପୁରୁଷୋତ୍ତମ ରୂପେ ଅନୁଭବ କରିଥିଲେ, ସେ କିପରି ଅନ୍ତର୍ଦ୍ଧାନ ହେଲେ,ତାହା ମଧ୍ୟ ଗବେଷଣା ସାପେକ୍ଷ । ପଣ୍ଡିତ ନୀଳକଣ୍ଠ ନୀଳମାଧବ ଶବ୍ଦକୁ ଯେପରି ଅର୍ଥ କରିଥିଲେ, ସେଥିରୁ ନୀଳମାଧବ ଏକ ନୀଳମଣିମୟ ବିଷ୍ଣୁମୂର୍ତ୍ତି ରୂପେ ପରିଚିତ ହୋଇଥାନ୍ତି । ସେହି ନୀଳମାଧବ ଶବର ଜାତିର ପ୍ରଥମ ଆରାଧ୍ୟ ଦେବତା ରୂପେ ବିଶ୍ୱାବସୁଙ୍କ ଦ୍ୱାରା ଶାବରୀୟ ମନ୍ତ୍ର ଓ ଅରଣ୍ୟଜାତ ଫଳ ପୁଷ୍ପଦ୍ୱାରା ଉପାସିତ ହେଉଥିଲେ । ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଖ୍ରୀଷ୍ଟପୂର୍ବ ସମୟରେ ପୂର୍ବ ଭୂଖଣ୍ଡରେ ଏପରି ଏକ ଆର୍ଯ୍ୟ ଧର୍ମର ଦେବତା କିପରି ଭାବରେ ଶାବରୀୟ ମନ୍ତ୍ରର ଉପଚାରରେ ସନ୍ତୁଷ୍ଟ ଥିଲେ, ତାହାର ପ୍ରମାଣ ମିଳେ ନାହିଁ । ଏହାର କାରଣ ଇନ୍ଦ୍ରନୀଳମଣିମୟ ଏହି ମୂର୍ତ୍ତିଟି ଭଗବାନ ଶ୍ରୀକୃଷ୍ଣଙ୍କର ଅଂଶାବଶେଷରୁ ନିର୍ମିତ ହୋଇଥିଲା ବୋଲି ଆଉ ଏକ ମତ ରହିଛି । ତେବେ ପ୍ରଶ୍ନ ହୁଏ, ଆର୍ଯ୍ୟ ଧର୍ମର ନୀଳମାଧବ କିପରି ଅଣଆର୍ଯ୍ୟ ଶବର ଗୋଷ୍ଠୀର ମୁଖ୍ୟ ବିଶ୍ୱାବସୁଙ୍କୁ ତାଙ୍କର ପରମଭକ୍ତ ରୂପେ ଗ୍ରହଣ କଲେ ? ଏପରିକି ବିଦ୍ୟାପତିଙ୍କ ଠାରୁ ନୀଳମାଧବଙ୍କ ମାହାତ୍ମ୍ୟ ବିଷୟ ଶୁଣି ଯେତେବେଳେ ଅବନ୍ତୀର ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କ ଦର୍ଶନ ପାଇଁ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ, ସେତେବେଳେ ନୀଳମାଧବ ସ୍ୱୟଂ ପାତାଳୀ ହୋଇଗଲେ । ତେଣୁ କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନଙ୍କ

ତପସ୍ୟାର ପ୍ରଭାବରେ ନୀଳମାଧବ ପୁନର୍ବାର ଦାରୁମୂର୍ତ୍ତି ରୂପେ ସମୁଦ୍ର କୂଳରେ ଭାସି ଆସି ଲାଗିଥିଲେ ।

ବହୁ ଗବେଷକଙ୍କ ମତରେ ଦାରୁବ୍ରହ୍ମ ପ୍ରଥମେ ବୌଦ୍ଧ ଦେବତା ରୂପେ ଉପାସିତ ହେଉଥିଲେ । ଅଶୋକଙ୍କର ଉତ୍କଳ ଆକ୍ରମଣ ପରେ ଓଡ଼ିଶାରେ ବୌଦ୍ଧ ଧର୍ମ ପ୍ରସାର ଲାଭ କରିଥିଲା ଓ ବର୍ତ୍ତମାନ ଜଗନ୍ନାଥ ମନ୍ଦିର ଯେଉଁଠି ଅଛି, ସେଠାରେ ଏକ ବୌଦ୍ଧ ସ୍ତୂପ ଥିଲା ବୋଲି କୁହାଯାଏ । ବୌଦ୍ଧମାନେ ତ୍ରିରତ୍ନ ଉପାସନା କରୁଥିଲେ ଓ କାଳକ୍ରମେ ପୂର୍ବ ଭୂଖଣ୍ଡର ଶବରମାନେ ବୌଦ୍ଧ ତ୍ରିରତ୍ନଙ୍କୁ ବର୍ତ୍ତମାନର ପ୍ରତୀକାତ୍ମକ ଦାରୁମୂର୍ତ୍ତିରେ ରୂପାନ୍ତରିତ କରିଥିଲେ । ଏହି ତଥ୍ୟକୁ ଭିତ୍ତି କରି ଏବଂ ବୌଦ୍ଧସ୍ତୂପ, ଚୈତ୍ୟ ଓ ଦନ୍ତପୂଜା ପ୍ରଭୃତିର ବର୍ଣ୍ଣନାକୁ ଗ୍ରହଣ କରି ଡ଼କ୍ଟର କନିଙ୍ଗହାମ୍, ଉଇଲିୟମ ହଣ୍ଟର ଓ ଡ଼କ୍ଟର ମହତାବ ପ୍ରଭୃତି ଐତିହାସିକମାନେ ଦାରୁବ୍ରହ୍ମଙ୍କୁ ବୌଦ୍ଧ ଦେବତା ରୂପେ ପ୍ରତିପାଦିତ କରିଥିଲେ । ଏ ସମ୍ପର୍କରେ ବହୁ ଗବେଷକ ସପ୍ତମ ଶତାବ୍ଦୀରେ ଇନ୍ଦ୍ରଭୂତିଙ୍କ ରଚିତ ଜ୍ଞାନସିଦ୍ଧି ଗ୍ରନ୍ଥର ମଙ୍ଗଳାଚରଣରେ ଜଗନ୍ନାଥଙ୍କୁ ସର୍ବ ବୁଦ୍ଧମୟ ବୋଲି ବର୍ଣ୍ଣନା କରାଯାଇଥିବା ବିଷୟରେ ସୂଚନା ଦେଇଛନ୍ତି । ଯଥା:-

**ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନବରାର୍ଚ୍ଚିତଂ**

**ସର୍ବବୁଦ୍ଧମୟଂ ସିଦ୍ଧିବ୍ୟାପିନଂ ଗଗନୋପମମ୍**

ପଣ୍ଡିତ ନୀଳକଣ୍ଠ ଦାସ ଜଗନ୍ନାଥ ସଂସ୍କୃତିକୁ ଗଭୀର ଭାବରେ ଗବେଷଣା କରି ମୂଳତଃ ତାଙ୍କୁ ଭଗବତ୍ ଗୀତାରେ ବର୍ଣ୍ଣିତ ପୁରୁଷୋତ୍ତମ ରୂପେ ଉପଲବ୍ଧି କରିଥିଲେ । କିନ୍ତୁ ସେ ଡ଼କ୍ଟର ମହତାବ ପ୍ରଭୃତିଙ୍କର ମତକୁ ଗ୍ରହଣ ନ କରି ଦାରୁବ୍ରହ୍ମଙ୍କୁ କଳିଙ୍ଗ ଜୀନ ରୂପେ ପ୍ରତିଷ୍ଠା କରିଥିଲେ । ଏଥିପାଇଁ ଜୀନନାଥ ଓ ଜଗନ୍ନାଥ ଶବ୍ଦର ସାଦୃଶ୍ୟ ଓ ଜୈନ କେବଳୀ ଭାବ ଓ ଜଗନ୍ନାଥ ସଂସ୍କୃତିର କୈବଲ୍ୟ ଚେତନା ଇତ୍ୟାଦିକୁ ପ୍ରମାଣ ସ୍ୱରୂପ ଦର୍ଶାଇଥିଲେ ।

ବହୁ ଗବେଷଣା, ଐତିହାସିକ ପ୍ରମାଣ, ପ୍ରତ୍ନତାତ୍ତ୍ୱିକ ଓ ଶିଳାଲେଖର ବିବରଣୀ ସତ୍ତ୍ୱେ ଶ୍ରୀଜଗନ୍ନାଥ ଏବେ ମଧ୍ୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ରୂପେ ମୂଳତଃ ଉପାସିତ ହେଇ ଆସୁଛନ୍ତି । ଏଣୁ ତାଙ୍କର ନିତ୍ୟ ପୂଜା 'ଗୋପାଳାର୍ଚ୍ଚନ ପଦ୍ଧତି'ରେ ହୁଏ ଓ 'ଗୋପୀଜନ ବଲ୍ଲଭ' ମନ୍ତ୍ରରେ ତାଙ୍କର ନୈବେଦ୍ୟ ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ ଶ୍ରୀକୃଷ୍ଣଙ୍କର ଅବତାର ସମ୍ପର୍କୀୟ ବହୁବିଧ ଘଟଣାବଳୀକୁ ନେଇ ଜଗନ୍ନାଥଙ୍କର ବିଭିନ୍ନ ବେଶ, ଯାତ୍ରା, ନୀତି ଅନୁଷ୍ଠିତ ହୁଏ । ବାସ୍ତବରେ ଯେଉଁ ଶ୍ରୀକୃଷ୍ଣ କାଳିନ୍ଦୀ ତଟରେ ନିଜର ବେଣୁବାଦନ ଦ୍ୱାରା ସହସ୍ର ଗୋପୀଙ୍କୁ ଆକୃଷ୍ଟ କରିଥିଲେ, ସେହି କୃଷ୍ଣ ଜଗନ୍ନାଥ ନିଜର ବିରାଟ ଚକ୍ଷୁ ଯୁଗଳ ଦ୍ୱାରା ସହସ୍ର ଭକ୍ତ ଓ ଭକ୍ତାମାନଙ୍କୁ ଦର୍ଶନ ପାଇଁ ଆକୃଷ୍ଟ କରି ଆସୁଛନ୍ତି । ଏଣୁ ଆଦି ଶଙ୍କର ଯଥାର୍ଥରେ କହିଥିଲେ :-

**ଚାହେଁ ନା ମୁଁ ରାଜ୍ୟ, ଚାହେଁନା ସୁବର୍ଣ୍ଣ**
**ଅବା ମାଣିକ୍ୟ ବିଭବ**
**ଚାହେଁନି ସୁନ୍ଦରୀ, ବିଶ୍ୱ ମନୋହାରୀ**
**ବର ବଧୂର ସଂଯୋଗ**
**ସବୁବେଳେ ପ୍ରଭୁ ପ୍ରମଥ ପତି ଯେ**
**ଗାଆନ୍ତି ତୁମ ଚରିତ**
**ଜଗତର ସ୍ୱାମୀ, ମୋ ନୟନ ପଥେ**
**ରହିଥାଅ ଜଗନ୍ନାଥ ।**

❒❒❒

**ଡ଼ି. ୨୪, କଳ୍ପନା ଫ୍ଲାଟ୍**
**ଭୁବନେଶ୍ୱର**

**ଦୟାକରି ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନିଅନ୍ତୁ ନାହିଁ ।**

**ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ**